# ଏପିସୋଡ ୪୪

## ବ୍ୟାକୁଳ ଜଙ୍ଗଲ

ମୂଳ ଲେଖା: ଶ୍ରୀନିବାସ ଓଲି

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ବୁଢ଼ାଗଛ ପୁରୁଷ ସ୍ୱର

ଗୌରୀ ଚଢ଼େଇ ମହିଳା ସ୍ୱର

ଅବିନାଶ ପୁରୁଷ ୫୫ ବର୍ଷ

ରମା ବିଏସସି ଛାତ୍ରୀ

ବାଘ ପୁରୁଷ ସ୍ୱର

ଦୃଶ୍ୟ ୧ ଜଙ୍ଗଲ ଦୃଶ୍ୟ, ଜୋର ପବନ ଗଛ ଦେଇ ବହୁଛି। ଶୁଖିଲା ପତ୍ର ଫଡ଼ଫଡ଼ ହେଉଛି। ଚଢ଼େଇ ରାବୁଛନ୍ତି)

ଗଛ: ଆରେ ଗୌରୀ, ଆଜି ସକାଳୁ ସକାଳୁ କୁଆଡ଼େ ଚାଲିଯାଇଥିଲୁ? କୋଉଠୁ ଆସୁଛୁ?

ଗୌରୀ: କୁଆଡ଼େ ନୁହେଁ ଗଛଜେଜେ। ଏଇ ପାଖରେ ଟିକେ ବୁଲୁଥିଲି।

ଗଛ: ତମେ ଚଢ଼େଇମାନଙ୍କର ତ ମଜା। ଯେତେବେଳେ ଇଚ୍ଛା ହେଲା ଉଡ଼ି ଚାଲିଲ।

ଗୌରୀ: ଜେଜେ, ଉଡ଼ିବାରେ କ'ଣ ମଜା। କିଛିବାଟ ଯାଇଥିଲି। ପାଗ ଖରାପ ହେବାକୁ ଲାଗିଲା। ସେଥିପାଇଁ ଫେରି ଆସିଲି।

ଗଛ: ଆଜି ପୁଣି ଥରେ ଜୋର ପବନ ବହିବାକୁ ଲାଗିଲାଣି। ଏବେ ତ ପାଣିପାଗର କିଛି ବି ଭରସା ନାହିଁ। ଖରା ଠିକ ସମୟରେ ହେଉନାହିଁ କି ବର୍ଷା ବି ଠିକ ସମୟରେ ଆସୁନାହିଁ।

ଗୌରୀ: ହଁ ଜେଜେ। ମତେ ତ ଡର ଲାଗୁଥିଲା ଯେ ମୋ ବସା କାଳେ ଉଡ଼ିଯିବ। ପିଲାମାନେ ଏବେ ଛୋଟ ଅଛନ୍ତି ତ। (ଛୋଟ ଚଢ଼େଇଙ୍କ ସ୍ୱର) ଗୋଟିଏ ଗୋଟିଏ କରି କୁଟା ସଂଗ୍ରହ କରିବାରେ ବହୁତ ପରିଶ୍ରମ କରିବାକୁ ପଡୁଛି।

ଗଛ: ହଁ ପବନ ତ ଜୋରରେ ବହୁଛି। କିନ୍ତୁ ମୋ ବୁଢ଼ା ଦେହରେ ଏବେ ବି ବହୁତ ତାକତ ଅଛି, ତୋ ବସାର ସୁରକ୍ଷା କରିପାରିବି। (ହସି) କ'ଣ ଠିକ କହିଲି ନା?

ଗୌରୀ: ଜେଜେ, ତମ ତାକତ କଥା ଆଉ କିଏ ଜାଣୁ କି ନ ଜାଣୁ ମୁଁ ଭଲରେ ଜାଣିଛି। ମୁଁ କ'ଣ ଜାଣିନି ଦୁନିଆରେ ସମସ୍ତଙ୍କ ଜୀବନ ପାଇଁ ତମର କେତେ ଗୁରୁତ୍ୱ ରହିଛି। ମୁଁ ତ କେବଳ ମୋ କଥା ଜାଣିଛି, ଅନ୍ୟ କଥାରୁ ମତେ କ'ଣ ମିଳିବ?

ଗଛ: ଗୌରୀ, ମୁଁ ଜାଣିଛି। କିନ୍ତୁ ମଣିଷ ତ ଏ କଥା ଜାଣୁନି, କେବେ ବୁଝିବ କେଜାଣି। (ହତାଶ ସ୍ୱରରେ) ସବୁକିଛି ଚାଲିଗଲା ପରେ ବୋଧହୁଏ ତା'ର ହୋସ୍ ଫେରିବ।

ଗୌରୀ: ମଣିଷ କଥା ତ ତମେ ମୋତେ କୁହନି। (ଟିକିଏରାଗି) କେଜାଣି ତା ବୁଦ୍ଧି କୁଆଡ଼େ ଯାଇଛି। ଯେଉଁ ଡାଳରେ ବସିଛି ତାକୁ ହିଁ କାଟୁଛି। (ଥଟ୍ଟା ସ୍ୱରରେ) ଆଉ କହିବେ କ'ଣ ନା ପୃଥିବୀରେ ଆମେ ସବୁଠାରୁ ବୁଦ୍ଧିମାନ ଜୀବ। ବୁଦ୍ଧିତ ନାହିଁ...

ଗଛ: ତୁ କାହିଁକି ରାଗୁଛୁ ଗୌରୀ। ପାଣି ଯେତେବେଳେ ନାକ ଉପରକୁ ଉଠିବ ସେତେବେଳେ ବୁଦ୍ଧି ପଶିବ। (ଗଛରେ କୁରାଢ଼ି ଚାଲିବା ଶବ୍ଦ)

ଗୌରୀ: ଦେଖ ଦେଖ ଜେଜେ। ସେମାନେ ପୁଣି ଆସିଗଲେ। ମୁଁ କହିଥିଲି ନା? ଦେଖିଲ ତ ସେମାନଙ୍କର ବୁଦ୍ଧି। ଏମିତି ତ ପୂରା ଜଙ୍ଗଲ ନଷ୍ଟ ହେଉଛି। ଏବେ ସାମାନ୍ୟ କିଛି ଗଛ ରହିଯାଇଛି, ତାକୁ ବି ଛାଡୁନାହାନ୍ତି। (କୁରାଢ଼ି ଚାଲିବାର ଶବ୍ଦ)

ଗଛ: ଭଲ ହେଇଛି ମୋର ବୟସ ହୋଇଗଲାଣି। ଏ ବଙ୍କା ଟଙ୍କା ତେଢ଼ା ମେଢ଼ା ଡାଳ ତାଙ୍କର କି କାମରେ ଆସିବ। ନହେଲେ ତ କେବେଠୁ ମତେ କାଟି ସାରନ୍ତେଣି (ମଝିରେ କଥା କହି)

ଗୌରୀ: (ରାଗିଯାଇ) ତମ ପାଖକୁ କେହି ଆସୁ ତ ଦେଖି। ଥଣ୍ଟରେ ତା ଆଖି ନ ଫୁଟେଇ ଦେଇଛି ତ ମୋ ନାଁ ଗୌରୀ ନୁହେଁ।

ଗଛ: ଗୌରୀ, ଗାଁ ଲୋକଙ୍କ ଉପରେ ରାଗି କିଛିଲାଭ ନାହିଁ। ଏମାନେ

ଆମର ଅନେକ ସାଥୀ ଗଛକୁ ଆମଠାରୁ ଛଡ଼େଇ ନେଇଛନ୍ତି, ତା ସତ, କିନ୍ତୁ ଆମ ଆଗରେ ଏହାଠାରୁ ବି ବଡ଼ ବିପଦ ରହିଛି। ଆଉ ଏଇ ବିପଦକୁ ସମୟ ଥିବା ଭିତରେ ରୋକା ନ ଗଲେ କେହି ବି ବଞ୍ଚିବେ ନାହିଁ।

ଗୌରୀ: (ଚମକି ପଡ଼ି) ମଣିଷଠୁ ବି ବଡ଼ ବିପଦ!

ଗଛ: ହଁ ଗୌରୀ। ମଣିଷଠୁ ବି ପଡ଼ ବିପଦ। ଏମାନଙ୍କ କୁରାଢ଼ୀ ତ ଆମକୁ ଦେଖାଯାଏ, କିନ୍ତୁ କିଛି ଶତ୍ରୁ ଏମିତି ଅଛନ୍ତି ଯାହାକୁ ଆମେ ଦେଖିପାରେନାହିଁ। ସେମାନେ ଆମ ଆଖପାଖରେ ଅଛନ୍ତି, ଆମକୁ ଶେଷ କରୁଛନ୍ତି ଆଉ ଦେଖା ବି ଯାଉନାହାନ୍ତି। ଆଉ ଦିନେ ମଣିଷକୁ ବି ପୃଥିବୀର ବିନାଶ ରୂପରେ ଏହାର ମୂଲ୍ୟ ଦେବାକୁ ହେବ।

ଗୌରୀ: (ଡରି ଯାଇ) ଓହ!! ମୁଁ ତ ଏଭଳି କୌଣସି ଶତ୍ରୁ ବିଷୟରେ ଶୁଣିନି।

ଗଛ: ହଁ, କିନ୍ତୁ ମୁଁ ତ ଏଭଳି ଶତ୍ରୁକୁ ଦେଖିଛି ବି ଆଉ ତା ସହିତ ଲଢ଼ିଛି ବି। ତୁ ତ ଜାଣିଛୁ ମୁଁ ଏଠି ପଚାଶ ବର୍ଷରୁ ଅଧିକ ସମୟ ହେଲା ଠିଆ ହୋଇଛି। ତୋ ମା, ଆଈ ସମସ୍ତଙ୍କୁ ଆଶ୍ରା ମୋ ଡାଳ ଦେଇଥିଲା।

(କୁରାଢ଼ୀ ଶବ୍ଦ ଆଗ ଜୋର ଥିଲା, ତା ପରେ ରହିଗଲା, ଗଛ ପଡ଼ିବା ଶବ୍ଦ)

ଗଛ: ଏ ମୂର୍ଖମାନେ ଆଜି ଆଉ ଜଣଙ୍କର ଜୀବନ ନେଇଗଲେ।

ଗୌରୀ: କିନ୍ତୁ ଜେଜେ, ଏମାନେ ଶତ୍ରୁ? କିଏ ସେମାନେ... ଯାହାକୁ ଆମେ ଦେଖିପାରୁନାହେଁ?

ଗଛ: ହଁ ସେମାନଙ୍କ ବିଷୟରେ କହୁଛି।

ଦୃଶ୍ୟ ୨ (ଜଙ୍ଗଲ ପାଖ ଦେଇ ଯାଉଥିବା ରାସ୍ତା, କାର୍ ଶବ୍ଦ, ମଝିରେ ମଝିରେ ହର୍ଣ୍ଣ ବାଜୁଛି, କାର୍ ରହିବା ଶବ୍ଦ)

ରମା: ହଁ ବାପା, ଏଇଠି କାର୍ ରଖିଦେବା।

ଅବିନାଶ: ହଁ ରମା, ଏଇଠି ଠିକ ହେବ।

(ଇଞ୍ଜିନ ବନ୍ଦ ହେବା, କାର ଦୁଆର ଖୋଲିବା ଏବଂ ବନ୍ଦ ହେବା ଶବ୍ଦ)

ଅବିନାଶ: ଆଗରେ ଦେଖ ରମା। ମୁଁ ଏଇ ଜଙ୍ଗଲକୁ ଗତ ପଚିଶ ତିରିଶ ବର୍ଷ ହେଲା ଦେଖିଆସୁଛି। ବହୁତ ବଡ଼ ଜଙ୍ଗଲ। ଏଇ ଗାଁର ସୀମାରୁ ଆରମ୍ଭ ହୋଇ ସେଇ ଦୂର ପାହାଡ଼ ଯାଏଁ ଲମ୍ବିଛି।

ରମା: ବାଃ। କେତେ ସୁନ୍ଦର ବାପା। (ଉତ୍ସାହିତ ହୋଇ) ମତେ ହର୍ବାରିଅମରେ ଲଗାଇବା ପାଇଁ କେତେ ପ୍ରକାରର ପତ୍ର ମିଳିଯିବ। ତା ସହିତ ସୁନ୍ଦର ଫଟୋ ବି। (ଶୁଖିଲା ପତ୍ର ଉପରେ ଚାଲିବାର ଶବ୍ଦ) କ୍ଲାସରେ ସମସ୍ତଙ୍କଠାରୁ ସୁନ୍ଦର ପ୍ରକଳ୍ପ ମତେ ତିଆରି କରିବାକୁ ହେବ। ଏ ଜଙ୍ଗଲ କେତେ ଘଞ୍ଚ। (ଚାଲୁ ଚାଲୁ କଥା ହେଉଛନ୍ତି, ଶୁଖିଲା ପତ୍ର ଉପରେ ଚାଲିବାର ଶବ୍ଦ)

ଅବିନାଶ: ଆଗ ତୁଳନାରେ ତ କିଛି ବି ଘଞ୍ଚ ନାହିଁ। ଗତ କେତେବର୍ଷ ଭିତରେ ବହୁତ କିଛି ବଦଳି ଗଲାଣି।

ରମା: ହଁ ଆମ କଲେଜରେ ସାର୍ କହୁଥିଲେ ଯେ ବିଶ୍ୱ ଉଷ୍ମାୟନର ପ୍ରଭାବ ଜଙ୍ଗଲ ଉପରେ ବି ପଡୁଛି।

ଅବିନାଶ: ଠିକ କହିଛନ୍ତି। ଉତ୍ତପ୍ତ ହେଉଥିବା ଧରଣୀର ପ୍ରଭାବ ତ

ସବୁଆଡ଼େ ପଡୁଛି। ସେ ଜଙ୍ଗଲ ହେଉ କି ଜୀବଜନ୍ତୁ। ପୃଥିବୀର ତାପମାତ୍ରା ବଢ଼ିବା ଯୋଗୁ କେବଳ ହିମପ୍ରବାହ ତରଳୁନାହିଁ, ପୂରା ଜଳବାୟୁ ବଦଳି ଯାଉଛି।

ରମା: ବାପା, ଦୂରରୁ ତ ଏ ଜଙ୍ଗଲ ବହୁତ ଘଞ୍ଚ ଜଣାପଡୁଛି। କିନ୍ତୁ ଭିତରକୁ ଆସିଲା ପରେ କିଛି ଅଲଗା ମନେହେଲା।

ଅବିନାଶ: ଏହା ହିଁ ତ ଚିନ୍ତାର ବିଷୟ। କିଛି ବର୍ଷ ଆଗରୁ ଏଠି ଗୋଟେ ଦୁଇଟା ମାତ୍ର ପାଇନ ଗଛ ଥିଲା। ପୂରା ଜଙ୍ଗଲ ଅନ୍ୟ ବଡ଼ ଗଛରେ ଭରିଥିଲା। ସାମନା ପାହାଡ଼ ସାରା ସୁନ୍ଦର ଦେବଦାରୁ ଗଛ ଥିଲା। ଏସବୁ ଗଛରେ ଗୁଡ଼େଇ ହୋଇ ରହିଥିବା ଲତାଠୁ ବହୁତ ଅଧିକ ସୁନ୍ଦର ଆଉ ଅନେକ ବେଶୀ ଲତା ସେତେବେଳେ ଥିଲା। ଅନେକ ପ୍ରକାରର ଲତା। (ଚଢ଼େଇ ଗୀତ ଶବ୍ଦ)

ରମା: କିନ୍ତୁ ଏବେ ତ ଏମିତି ନାହିଁ। ମାଟି ବି ଶୁଖିଲା ଅଛି। ଏଭଳି ଅବସ୍ଥାରେ ଗଛଲତା ବଢ଼ିବ କିପରି?

ଅବିନାଶ: ହଁ ଏଇ ବାଟରେ ତ ସବୁବେଳେ ଏତେ ଆର୍ଦ୍ରତା ରହୁଥିଲା ଯେ ଚାଲିବା ବି କଷ୍ଟକର ହୋଇପଡୁଥିଲା। ବର୍ଷସାରା ଏମିତି ଲାଗୁଥିଲା ସତେ ଯେମିତି ଟିକିଏ ଆଗରୁ ବର୍ଷା ହୋଇଥିଲା। ଆଉ ଏଇ ପାଇନ ଗଛ ସବୁ ତଳେ ଘାଟି ଆଖପାଖରେ ଦେଖା ଯାଉଥିଲା।

ରମା: କିନ୍ତୁ ବାପା, ଏବେ ତ ଏଠି ପାଇନ ଗଛ ହିଁ ଅଧିକ ଦେଖାଯାଉଛି।

ଅବିନାଶ: ସେଇ ତ ସମସ୍ୟା। ଜଳବାୟୁ ପରିବର୍ତ୍ତନ ଯୋଗୁ ଜଙ୍ଗଲର

ରୂପ ବି ବଦଳି ଯାଉଛି। ଏମିତି କେବଳ ଆମ ଜଙ୍ଗଲରେ ନୁହେଁ, ଦୁନିଆ ସାରା ସବୁ ଜଙ୍ଗଲରେ ହେଉଛି।

(ଏହି ସମୟରେ ପାଦଶବ୍ଦ, ଝିଙ୍ଗାରୀ, ଚଢ଼େଇ ଶବ୍ଦ)

ରମା: (ଚିନ୍ତିତ ହୋଇ) ଯଦି ଜଙ୍ଗଲ ସବୁ ନଷ୍ଟ ହୋଇଯିବ, ତା ପ୍ରଭାବ ତ ସମସ୍ତଙ୍କ ଉପରେ ପଡ଼ିବ।

ଅବିନାଶ: ଠିକ କହିଛୁ ରମା। ଜଙ୍ଗଲରେ କେତେ କ'ଣ ରହିଛି। ହଜାର ହଜାର କିସମର ଗଛଲତା, କେତେ ଜାତିର ଜଙ୍ଗଲୀ ଜନ୍ତୁ... କୀଟପତଙ୍ଗ,,, ଆଉ ଏ ସୁନ୍ଦର ପକ୍ଷୀ। (ଦୂରରୁ ଚଢ଼େଇ ଶବ୍ଦ)

ରମା: ହଁ ବାପା, ଜଙ୍ଗଲ କେବଳ ବନ୍ୟ ଜୀବଜନ୍ତୁଙ୍କ ଆଶ୍ରୟ ଦେଉଛି ତା ନୁହେଁ, ଆମକୁ ବି ବହୁତ କିଛି ଦେଉଛି। ଏଠିକୁ ଆସି କେତେ ଭଲ ଲାଗୁଛି।

(ଶୁଖିଲା ପତ୍ର ହଲିବା ଏବଂ କଲରାପତରିଆ ବାଘର ଶବ୍ଦ)

ରମା: (ଡରିଯାଇ) ବାପା, ଏ କି ଶବ୍ଦ... ବାପା...

ଅବିନାଶ: (ଡରିଯାଇ) ମନେହେଉଛି ଆଖପାଖରେ କଲରାପତରିଆ ବାଘ ଅଛି। ଚାଲ, ଶୀଘ୍ର ଏଠୁ ଚାଲିଯିବା। ଏଇ ବାଁ ପଟକୁ, ଜୋରରେ ଚାଲ।

(ଶୁଖିଲା ପତ୍ର ଉପରେ ଧାଇଁବା ଶବ୍ଦ, ବାଘର ଗର୍ଜନ ପାଖକୁ ଆସୁଛି)

ରମା: ବାପା, ଏ ତ ପାଖକୁ ଆସୁଛି।

ଅବିନାଶ: ରହନା ରମା, ରହନା। ଚାଲେ।

ରମା: (କାନ୍ଦ କାନ୍ଦ ହୋଇ) ନାଇଁ ବାପା, ଆଉ ମୁଁ ପାରିବିନି। ମୁଁ ଏଇ ଗଛ ପଛରେ ଲୁଚିଯାଉଛି।

(ବାଘର ଗର୍ଜନ)

ଗଛ: (ଜୋର ପାଟିରେ) ରହି ଯା ବଘିରା। ରହ। (ବାଘ ଗର୍ଜନ ଧୀରେ ଧୀରେ କମିଯାଉଛି) ରହ, ସେଇଠି ରହିଯା।

ବାଘ: ଗଛଜେଜେ, ମତେ କାହିଁକି ଅଟକାଇଲ... ମତେ ଭୋକ ଲାଗୁଛି।

ରମା: (ଡର ଆଉ ଆଶ୍ଚର୍ଯ୍ୟ ସ୍ୱରରେ) କିଏ କଥା କହୁଛି... କାହା ସ୍ୱର ଏ...

ଗଛ: ଭୟ କରେନି ଝିଅ... ଏ ତ ମୁଁ କହୁଛି। ଏଠିକୁ ଦେଖ, ଏଇଠି ...

ଅବିନାଶ: ଆରେ ରମା, ଏ ସ୍ୱର ତ ସେଇ ଗଛର ଯାହା ତଳେ ତୁ ବସିଛୁ। କଥାକୁହା ଗଛ!!

ଗଛ: ହଁ... ଏଠି ତମେ ଆମ ସମସ୍ତଙ୍କ ଭାଷା ବୁଝିପାରିବ। ଗଛଲତାଙ୍କର ବି ଆଉ ପଶୁପକ୍ଷୀଙ୍କର ବି।

ଅବିନାଶ: କିନ୍ତୁ ଆପଣ କ'ଣ ଆମକୁ ଜାଣିଛନ୍ତି। ଆମକୁ ବଞ୍ଚେଇ ଆମର ବହୁତ ଉପକାର କଲେ।

ଗଛ: ହଁ.. ମୁଁ ଆପଣଙ୍କୁ ଜାଣିଛି। କିନ୍ତୁ ଆପଣ ମତେ ଚିହ୍ନିପାରିଲେ ନାହିଁ? ମୁଁ ହେଉଛି ଗଛଜେଜେ। ଆଉ ଆପଣ ବୋଧହୁଏ ଅବିନାଶ।

ଅବିନାଶ: (ଆଶ୍ଚର୍ଯ୍ୟ ହୋଇ) ଆଜ୍ଞା ହଁ।

ଗଛ: ଅବିନାଶ, ମୁଁ ଆପଣଙ୍କୁ ସେବେଠୁ ଜାଣିଛି ଯେତେବେଳେ ଆପଣ ପିଲାଟିବେଳୁ ଏ ଜଙ୍ଗଲକୁ ଆସୁଥିଲେ।

ଅବିନାଶ: (ଖୁସି ହୋଇ) ଆରେ ରମା, ଏତ ସେଇ ଗଛ, ଯେଉଁଠିକି ପିଲାଦିନେ ମୁଁ ପ୍ରାୟ ଆସୁଥିଲି। (ଟିକିଏ ବଡ଼ ପାଟିରେ) ଧନ୍ୟବାଦ, ଗଛ ଜେଜେ, ଆଜି ଆପଣ ଆମର ଜୀବନ ବଞ୍ଚେଇ ଦେଲେ। ନହେଲେ ତ ଏଇ ବାଘ ଆମକୁ ଖାଇଯାଇଥାନ୍ତା।

(ବାଘ ଗର୍ଜନ)

ଗଛ: ଅବିନାଶ, ବଘିରାର କୌଣସି ଭୁଲ ନାହିଁ। ସେ ବା କ'ଣ କରିବ। ଜଙ୍ଗଲ ଅବସ୍ଥା ତ ଆପଣମାନେ ଦେଖୁଛନ୍ତି। (ବାଘର ଜୋର ଗର୍ଜନ) ବଘିରା ତୁ ଏବେ ଚୁପଚାପ ବସେ।

ବଘିରା: (ହାଲୁକା ଗର୍ଜନ ସହ) ତମେ କୁହ ଗଛଜେଜେ, ଆମେ କ'ଣ କରିବୁ।

ଅବିନାଶ: ରମା, ଭୟ କରେନି। ଏମାନେ ସମସ୍ତେ ଆମର ସାଥୀ।

(ଧୀରେ ଧୀରେ ଚଢ଼େଇ ସ୍ୱର ପାଖକୁ ଆସିବା)

ଗଛ: ଏଇ ତ ଗୌରୀ ବି ଆସିଲାଣି।

ରମା: ବାଃ.. କେତେ ସୁନ୍ଦର ନାଁ, ଚଢ଼େଇ ନାଁ ଗୌରୀ... ଗୌରୀ ବି କ'ଣ ମଣିଷ ସହ କଥା ହୋଇପାରେ?

ଗୌରୀ: (ଖୁସି ହୋଇ) ହଁ.. ହଁ... କାହିଁକି ନୁହେଁ। ଆମେ ତ ସବୁବେଳେ ମଣିଷ ସହ କଥା ହେଉଛୁ। କିନ୍ତୁ ସେମାନେ ତ ବୁଝିଲା ଭଳି ଲାଗୁନି।

ଅବିନାଶ: ଗୌରୀ ଠିକ କହୁଛି। ଆରେ ଆମେ ମଣିଷମାନେ ପ୍ରକୃତିକୁ କ'ଣ କେବେ ବୁଝିଛେ। ପ୍ରକୃତିକୁ ଫାଇଦା ନେଲେ ଆଉ ତା'ର କ୍ଷତି ବି କଲେ।

ଗୌରୀ: କିନ୍ତୁ ଗଛଜେଜେ କହୁଥିଲେ ଯେ ଏବେ ମଣିଷଠୁ ବି ବଡ଼ ଶତ୍ରୁ ଆମ ସାମନାକୁ ଆସିଲାଣି। ଯାହାକୁ ଆପଣମାନେ ବି ଡରୁଛନ୍ତି। ଗଛଜେଜେ, ସେମାନଙ୍କ ବିଷୟରେ କହୁନ।

ଗଛ: ଗୌରୀ, ମୁଁ ଜଳବାୟୁ ପରିବର୍ତ୍ତନ କଥା କହୁଥିଲି। ଜଳବାୟୁ ପରିବର୍ତ୍ତନ ଏବେ ଏଇ ଜଙ୍ଗଲର ଗୋଟିଏ ନୂଆ ଶତ୍ରୁ। ଦେଖ, ପ୍ରତି ବର୍ଷ ପୃଥିବୀ କେତେ ଉତ୍ତପ୍ତ ହୋଇ ଚାଲିଛି।

ଅବିନାଶ: ଠିକ କହିଛ ଗଛଜେଜେ। ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ଜଙ୍ଗଲ ବି ରକ୍ଷା ପାଇନାହିଁ। ଗତ ପଚିଶ ତିରିଶ ବର୍ଷ ଭିତରେ ଏ ଜଙ୍ଗଲ ବି କେତେ ବଦଳି ଗଲାଣି।

ଗୌରୀ: ମୁଁ କିଛି ବୁଝିପାରିଲିନି ଅବିନାଶ ମଉସା।

ଅବିନାଶ: ଦେଖ ଗୌରୀ। ବାସ୍ତବ କଥା ହେଉଛି ଆମ ପୃଥିବୀ ଲଗାତର ଗରମ ହେଉଛି। ଆଉ ଏଇ ଗରମ ଯୋଗୁ ବାଷ୍ପ ସବୁ ଆମ ଆକାଶ ଉପରେ ଗୋଟିଏ ଚାଦର ଭଳି ଢାଙ୍କି ଦେଲେଣି। ଏଇ ଚାଦର ଯୋଗୁ ପୃଥିବୀର ତାପମାତ୍ରା ବଢ଼ିଚାଲିଛି।

ବଘିରା: କିନ୍ତୁ ତାପମାତ୍ରା ବଢ଼ିଲେ ଜଙ୍ଗଲ ଉପରେ କି ପ୍ରଭାବ?

ରମା: ମୁଁ କହୁଛି ବଘିରା। ତମେ ତ ଜାଣିଛ ଯେ ଜଙ୍ଗଲର ସବୁ ଜୀବଜନ୍ତୁ

ଆଉ ଗଛଲତା ପରସ୍ପର ସହ ଯୋଡ଼ା। ଏଇ ଦେଖ, ଗଛଜେଜେ ଗୌରୀକୁ ରହିବା ପାଇଁ ଆଶ୍ରୟ ଦେଇଛନ୍ତି। ଆପଣଙ୍କୁ ବି ଭୋଜନ ପାଇଁ ଜଙ୍ଗଲି ଠେକୁଆ, ହରିଣ ଶିକାର କରିବାକୁ ପଡ଼ିଥାଏ।

ବଘିରା: ହଁ ତା ତ ଠିକ। କିନ୍ତୁ ଏସବୁ ସହିତ ଗରମ ବଢ଼ିବାର କ'ଣ ସମ୍ପର୍କ?

ଅବିନାଶ: ସମ୍ପର୍କ ଅଛି। ମନଦେଇ ଶୁଣ। ଗୌରୀ ତୁ ବି ମନଦେଇ ଶୁଣ। (ବୁଝେଇବା ଭଳି) ଉତ୍ତପ୍ତ ହେଉଥିବା ପୃଥିବୀ ଜଙ୍ଗଲ ଉପରେ ଅନେକ ପ୍ରକାରର ପ୍ରଭାବ ପକାଏ। ଗରମ ଯେତେ ଯେତେ ବଢ଼ୁଛି, ପୃଥିବୀର ଆର୍ଦ୍ରତା ସେତେ କମି କମି ଯାଉଛି। ଗରମ ଯୋଗୁ ଗଛଲତାରେ ନୂଆ ନୂଆ ପତ୍ର ଜଲ୍‌ଦି ଜଲ୍‌ଦି ଆସିଯାଉଛି। ଫଳରେ ଉସ୍ବେଦନ ପ୍ରକ୍ରିୟା ବି ବଢ଼ୁଛି, ମାନେ ପତ୍ରରୁ ଅଧିକ ପାଣି ବାହାରି ଚାଲିଯାଉଛି।

ଗୌରୀ: ମୁଁ ତ ଏବେ ବି କିଛି ବୁଝିପାରୁନାହିଁ।

ଅବିନାଶ: ଗୋଟିଏ ପଟେ ଗରମ ଯୋଗୁ ପୃଥିବୀ ଶୁଖିଯାଉଛି, ଅନ୍ୟ ପଟେ ଗଛ ଅଧିକ ପାଣି ବାଷ୍ପ କରି ଉଡ଼େଇ ଦେଉଛି। ଶୁଖିଲା ଯୋଗୁ ଗଛ ବି ଦୁର୍ବଳିଆ ହୋଇଯାଉଛି। ଆଉ ଗରମ ବଢ଼ିବାକୁ କୀଟପତଙ୍ଗଙ୍କ ପ୍ରାଦୁର୍ଭାବ ଜଙ୍ଗଲରେ ଦ୍ରୁତ ଗତିରେ ବଢ଼ୁଛି।

ରମା: କିନ୍ତୁ ବାପା, ତମେ ତ କହୁଥିଲ ଯେ ଆଗରୁ ଏ ଜଙ୍ଗଲ ବହୁତ ଘଞ୍ଚ ଥିଲା। ପାଇନ ଗଛ ବି କମ୍ ଥିଲା। ଏସବୁ କେମିତି ବଦଳିଗଲା?

ଅବିନାଶ: ଏ ତ ବିଶ୍ୱ ଉଷ୍ଣାୟନର ପ୍ରଭାବ। ଏଇ ସାମନା ପାହାଡ଼ ଆଡ଼କୁ ଟିକେ ଦେଖ। ଏହାର ଉପରମୁଣ୍ଡ ସବୁବେଳେ ବରଫ ଢାଙ୍କି

ହୋଇ ରହୁଥିଲା, ଏବେ ପଥର ଦେଖାଯାଉଛି। ତାପମାତ୍ରା ବଢ଼ିବା ଯୋଗୁ ତଳ ଘାଟି ଅଞ୍ଚଳରେ ଯେଉଁ ଗଛ ବଢୁଥିଲେ ଏବେ ଅଧିକ ଉଚ୍ଚତାରେ ବି ବଢ଼ିବାଲେ ଲାଗିଲେଣି।

ରମା: ତା ମାନେ ଗଛର ରେଖା ଉପର ଆଡ଼କୁ ଘୁଞ୍ଚୁଛି। କିନ୍ତୁ ଗରମ ବଢ଼ିବା ଯୋଗୁ ଗଛଲତାର ଅନେକ ପ୍ରଜାତି ଏହା ସହିତ ନିଜକୁ ଖାପ ଖୁଆଇ ପାରୁନାହାନ୍ତି ଆଉ ନଷ୍ଟ ହୋଇଯାଉଛନ୍ତି।

ବଘିରା: ଏବେ ମୁଁ ବୁଝିପାରିଲି ଯେ ଜଙ୍ଗଲ ଏତେ ପତଳା କେମିତି ହୋଇଯାଉଛି। କିନ୍ତୁ ମୁଁ ଯାହାର ଶିକାର କରୁଥିଲି ସେମାନେ ସବୁ କୁଆଡ଼େ ଚାଲିଗଲେ?

ଅବିନାଶ: ଦେଖ ବଘିରା, ତମେ ଯେଉଁ ଠେକୁଆ ଆଉ ହରିଣ ଶିକାର କରୁଥିଲ, ସେମାନେ ଏଠୁ ଯାଇ ଅନ୍ୟ ଘାସଭରା ଅଞ୍ଚଳକୁ ଚାଲିଗଲେ। କିନ୍ତୁ ସବୁ ଜଙ୍ଗଲି ଜୀବଙ୍କ ପାଇଁ ଏମିତି ବିସ୍ଥାପିତ ହେବା ସହଜ କଥ ନୁହେଁ, ଯେମିତିକି ତମ ପାଇଁ।

ବଘିରା: ଠିକ କହିଛନ୍ତି ଅବିନାଶ ଭାଇ। ଯେମିତି ଆମେ ଜଙ୍ଗଲ ସୀମା ବାହାରକୁ ବାହାରୁଛୁ, ମଣିଷ ଭାବୁଛି ଆମେ ଆକ୍ରମଣ କରିବାକୁ ଆସିଲୁ ଆଉ ଆମକୁ ମାରିଦେବା ପାଇଁ ଚେଷ୍ଟା କରୁଛି। (ଟିକିଏ ରାଗିଯାଇ) କିନ୍ତୁ ବାସ୍ତବତା ହେଉଛି ସେମାନେ ଆମ ଜଙ୍ଗଲ ଭିତରକୁ ପଶୁଛନ୍ତି, ଆମେ ତାଙ୍କ ବସ୍ତିରେ ନୁହେଁ।

ଗଛ: ତମ ରାଗ ଯୁକ୍ତିଯୁକ୍ତ। କିନ୍ତୁ ଦେଖ, ନିଜର ମୂର୍ଖତାର ଫଳ ମଣିଷକୁ

ବି ଭୋଗିବାକୁ ପଡୁଛି।

ଗୌରୀ: ସେସବୁ ତ ଠିକ ଅଛି, କିନ୍ତୁ ଏଇ ବର୍ଦ୍ଧିତ ତାପମାତ୍ରା ସହିତ ମୋର କ'ଣ ସମ୍ପର୍କ?

ଅବିନାଶ: ତୋର ବି ସମ୍ପର୍କ ଅଛି ଗୌରୀ। ଆଚ୍ଛା କହିଲୁ. ଖାଇବା ପାଇଁ ତତେ କୀଟପତଙ୍ଗ କମ୍ ମିଳୁଛନ୍ତି କି?

ଗୌରୀ: ନା ମୋଟେ ନୁହେଁ... ମୁଁ ବହୁତ ଖୁସି, ଆଉ ମୋ ପିଲାଏ ବି ଖୁସି।

ଅବିନାଶ: ତମପାଇଁ ଖୁସି କଥା ହୋଇପାରେ, କିନ୍ତୁ ଏଥିରେ ବି ଗୋଟିଏ ସମସ୍ୟା ରହିଛି।

ଗୌରୀ: କେମିତି?

ଅବିନାଶ: ପୃଥିବୀର ତାପମାତ୍ରା ବଢୁଥିବା ଯୋଗୁ ଶୀତ ପରେ ବସନ୍ତ ଜଲ୍‌ଦି ଆସିଯାଉଛି। ଆଗରୁ ଲମ୍ବା ଶୀତଦିନ ହେଉଥିଲା, କୀଟଙ୍କ ପ୍ରକୋପ କମ୍ ଥିଲା। ଶୀତଦିନ ଲମ୍ବା ହେଉଥିବାରୁ ଥଣ୍ଡାରେ କୀଟଙ୍କ ସଂଖ୍ୟା ଧୀରେ ବଢୁଥିଲା, ଏବଂ ଶୂକକୀଟ ବା ଲାର୍ଭା ଅବସ୍ଥା ଲମ୍ବା ହେଉଥିଲା। କିନ୍ତୁ ପରିବର୍ତ୍ତିତ ଉତ୍ତପ୍ତ ଜଳବାୟୁ କୀଟଙ୍କ ପାଇଁ ଆଶୀର୍ବାଦ ହୋଇଗଲା।

ଗୌରୀ: ହଁ ମୁଁ ଜାଣିଛି, ଶୀତଦିନେ ଥଣ୍ଡାରେ କୀଟ ଖୋଜିବା ବହୁତ କଷ୍ଟ ହେଉଥିଲା, କିନ୍ତୁ ବର୍ଷା କି ଖରାଦିନେ ମୋଟେ ସମସ୍ୟା ହେଉ ନ ଥିଲା।

ଗଛ: କିନ୍ତୁ ଏଇ କୀଟ ତ ଆମ ଗଛଙ୍କ ପାଇଁ ଶତ୍ରୁ ଗୌରୀ।

ଗୌରୀ: ସେଥିପାଇଁ ତ ମୁଁ ସେସବୁ ଖାଇଦିଏ, ଗଛଜେଜେ। (ସମସ୍ତେ

ହସୁଛନ୍ତି)

ଅବିନାଶ: ଜଳବାୟୁ ପରିବର୍ତ୍ତନ ଯୋଗୁ କେବଳ କୀଟଙ୍କ ଜୀବନ ବଦଳିନାହିଁ, ବରଂ ତା ପ୍ରଭାବରୁ କୌଣସି ଜୀବଜନ୍ତୁ ବଞ୍ଚିନାହାନ୍ତି। କେବଳ ଏତିକି ନୁହେଁ, ବିଶ୍ୱ ଉଷ୍ମାୟନ ଯୋଗୁ ସାରା ଦୁନିଆରେ ବର୍ଷା, ତୋଫାନ, ତୁଷାରପାତ ଆଦି ସବୁକିଛି ବଦଳି ଯାଇଛି। ଆଉ ଏହାର ପ୍ରଭାବ ଜଙ୍ଗଲ ଉପରେ ବି ଦେଖାଯାଉଛି।

ଗଛ: କେମିତି ଅବିନାଶ ବାବୁ?

ଅବିନାଶ: ଆମେମାନେ ତ ଦେଖୁଛେ ଯେ ବିଶ୍ୱ ଉଷ୍ମାୟନ ଯୋଗୁ କେଉଁଠି ବାଦଲଫଟା ବର୍ଷା ତ ଆଉ କେଉଁଠି ଶୁଖା ମରୁଡ଼ି। ବାତ୍ୟା ତୋଫାନ ଆସିବାର ସମୟ ଏବଂ ତା'ର ତୀବ୍ରତା ବି ବଦଳି ଯାଇଛି। ଯେତେବେଳେ ଏଇ ତୋଫାନ ବା ବର୍ଷା ଜଙ୍ଗଲ ଅଞ୍ଚଳରେ ଆସେ ଅନେକ ଗଛ ନଷ୍ଟ କରିଦିଏ। ଜଙ୍ଗଲରେ ଗଛ ନଷ୍ଟ ହେବାର ଅର୍ଥ... ଜଙ୍ଗଲ ସହ ଯୋଡ଼ା ସବୁ ଜୀବଜନ୍ତୁ, ପଶୁପକ୍ଷୀ ବିପଦରେ।

ରମା: ଜଙ୍ଗଲର ସବୁଠାରୁ ବଡ଼ ଶତ୍ରୁ ତ ଜଙ୍ଗଲରେ ନିଆଁ ଲାଗିବା ନା ଗଛଜେଜେ?

ଗଛ: ଠିକ କହିଛ ରମା। ଏଇ ଦେଖ। ଗତଥର ଯେତେବେଳେ ଏଠି ନିଆଁ ଲାଗିଥିଲା ମୋର ଏଇ ଡାଳ ସବୁ ସିଝି ଯାଇଥିଲା। ଯାହାହଉ ବର୍ଷା ଠିକ ସମୟରେ ଆସିଗଲା ଆଉ ମୋ ଜୀବନ ବଞ୍ଚିଗଲା।

ଅବିନାଶ: ହଁ ଗଛଜେଜେ। ପୃଥିବୀର ତାପମାତ୍ରା ବଢ଼ିବା ଯୋଗୁ ମାଟିର

ଆର୍ଦ୍ରତା ବି କମିଯାଉଛି। ଶୁଷ୍କ ପରିବେଶ ବଢ଼ିବାରୁ ଜଙ୍ଗଲରେ ନିଆଁ ଲାଗିବା ଘଟଣା ବି ବଢୁଛି। କାରଣ ଏ ଶୁଖିଲା ପତ୍ର ଇନ୍ଧନ ଭଳି ଜଳେ। ଏସବୁ ଫଳ ହେଉଛି ଗଛସଂଖ୍ୟା ଦିନକୁ ଦିନ କମିବା। ଆଉ ଏସବୁ ଗୋଟିଏ ଅତି ବିପଦପୂର୍ଣ୍ଣ ଚକ୍ର ଆଡ଼କୁ ଗତି କରୁଛି।

ବଘିରା: ଠିକ କଥା। ଜଙ୍ଗଲରେ ପାଣିର ସ୍ରୋତ ଦିନକୁ ଦିନ କମିଯାଉଛି। ମତେ ତ ପାଣି ଖୋଜିବା ପାଇଁ ଅନେକ ଦୂର ଯିବାକୁ ପଡ଼େ। ଜଙ୍ଗଲ ବାହାରକୁ ଗଲେ ତ ନିଜ ଜୀବନ ପ୍ରତି ବିପଦ। ଏଠିକା ଜଙ୍ଗଲ ଯେତେବେଳେ ବହୁତ ଘଞ୍ଚ ଥିଲା ପାଣିର ସମସ୍ୟା କେବେ ନ ଥିଲା।

ଗଛ: ପାଣି ଆଉ ଆମର ସମ୍ପର୍କ ତ ଅନେକ ଜୀବନ ଧରି ରହିଛି।

ଗୌରୀ: କେମିତି ଗଛଜେଜେ?

ଗଛ: ଦେଖ, ଜଙ୍ଗଲରେ ଯେତେବେଳେ ଆର୍ଦ୍ର ବାୟୁ ବା କୁହୁଡ଼ି ହୁଏ, ସେସବୁ ଆମ ପତ୍ର ସହ ଧକ୍କା ଲାଗେ। ବାୟୁର ଆର୍ଦ୍ରତା ନିରନ୍ତର ପତ୍ରର ପୃଷ୍ଠରେ ପାଣିର ଅଣୁ ଜମା କରେ ଆଉ ସେସବୁ ବୁନ୍ଦା ବୁନ୍ଦା ହୋଇ ତଳକୁ ପଡ଼େ। ଏମିତି ସବୁବେଳେ ହେବାରୁ ମାଟିରେ ଆର୍ଦ୍ରତା ରହେ। ଏହା କେବଳ ଗଛଲତା ନୁହେଁ, ଅନେକ ଜୀବଜନ୍ତୁଙ୍କ ପାଇଁ ବି ଜରୁରୀ।

ଗୌରୀ: ଜଙ୍ଗଲରେ ସବୁ କିଛି ପରସ୍ପର ସହ କେତେ ଯୋଡ଼ା। ମୁଁ ତ ଏସବୁ ଜାଣି ବି ନ ଥିଲି।

ବଘିରା: ଏବେ ମୁଁ ବୁଝିଲି ଯେ ମତେ ବି ଶିକାର କରିବା ପାଇଁ ଏତେ ଅସୁବିଧା କାହିଁକି ହେଉଛି। ଗରମ ବଢ଼ିବାରୁ ଶୁଷ୍କ ମାଟିରୁ ଘାସ, ଗଛ

ସବୁ ଉଭେଇ ଗଲା। ଘାସ, ନରମ ପତ୍ରବାଲା ଗଛ ଆଉ ପାଣି ନ ରହିବାରୁ ଠେକୁଆ ଆଉ ଏଠି ରହି କ'ଣ କରିବେ। ସେମାନେ ବି ଅନ୍ୟ ଅଞ୍ଚଳକୁ ଚାଲିଗଲେ। (ଉଦାସ ସ୍ୱରରେ) କିନ୍ତୁ ସମସ୍ତେ ତ ଏଇ ଜଙ୍ଗଲରୁ ବାହାରକୁ ଚାଲି ଯାଇପାରିବେନି।

ଅବିନାଶ: ଏ କେବଳ ତମ ସମସ୍ୟା ନୁହେଁ ବଘିରା। ଅନେକ ଗଛଲତାଙ୍କର ବି ଏଇ ସମସ୍ୟା ଅଛି। ଏଇ ପାଇନ କଥା ଦେଖ। ଯେବେଠୁ ପାହାଡ଼ ଉପରେ ଶୀତଦିନ ଛୋଟ ଆଉ ଖରାଦିନ ଲମ୍ବା ହେବାକୁ ଲାଗିଲାଣି, ପାଇନ ଜାତୀୟ ଗଛ ବି ଅଧିକ ଉଚ୍ଚତାରେ ଯାଇ ପହଞ୍ଚିଲେଣି। କିନ୍ତୁ ସବୁ ଗଛ ବା ଲତା ତ ଯାଇ ନୂଆ ଜାଗାରେ ନିଜର ଆସ୍ଥାନ ଜମାଇ ରହିପାରିବେ ନାହିଁ। ସେମାନେ ପୂରା ଉଭେଇ ଯାଉଛନ୍ତି।

ଗଛ: ଯେମିତିକି ମୁଁ। ମୁଁ ହେଉଛି ଦେବଦାରୁ। ଆମ ପ୍ରଜାତିର ଗଛ ଦୁଇହଜାରରୁ ଚବିଶ ଶହ ମିଟର ଉଚ୍ଚତା ଭିତରେ ଦେଖାଯାଆନ୍ତି। କିନ୍ତୁ ଅଧିକାଂଶ ଜାଗାରୁ ଆମ ଆସ୍ଥାନ ଶେଷ ହୋଇଯାଉଛି। ଦେବଦାରୁର ନୂଆ ଜଙ୍ଗଲ ତ ବୋଧହୁଏ କେଉଁଠି ବି ଦେଖିବାକୁ ମିଳୁନି।

ଗୌରୀ: ହଁ ଗଛଜେଜେ। ମୁଁ ତ ପ୍ରାୟ ଉଡ଼ି ଉଡ଼ି ବହୁତ ଦୂର ଚାଲିଯାଏ। କିନ୍ତୁ ମତେ ଆପଣଙ୍କ ପରିବାରର କିଛି ଲୋକ ହିଁ ଦେଖାଯାଆନ୍ତି।

ଅବିନାଶ: ଠିକ କହିଛ ଜେଜେ। ସବୁ ପ୍ରଜାତିର ଗଛ ଅନ୍ୟ ଜାଗାରେ ପହଞ୍ଚି ବଢ଼ିପାରନ୍ତି ନାହିଁ। ତମର ମଞ୍ଜି ପବନରେ ଉଡ଼ି ଦୂର ଦୂରାନ୍ତରରେ ତ ପହଞ୍ଚି ଯାଉଛି। କିନ୍ତୁ ଠିକ ମାଟି ଆଉ ଜଳବାୟୁ ନ

ମିଳିବା ଯୋଗୁ ନୂଆ ଗଛ ସେଠି ଉଠୁନାହିଁ। ଯେଉଁ ଗଛ ପରିବର୍ତ୍ତିତ ବାୟୁମଣ୍ଡଳରେ ଖାପ ଖୁଆଇ ପାରୁଚନ୍ତି କେବଳ ସେହିଭଳି ଗଛ ଏବେ ଜଙ୍ଗଲରେ ବଢୁଛନ୍ତି।

ଗଛ: ଠିକ କଥା। ମୁଁ ଏଠି ଦେଖୁଛି ଶୁଷ୍କ ବାତାବରଣରେ ବଢ଼ିବା ବାଲା ଗଛ ଏଠି ଭଲ ଭାବରେ ଖାପ ଖାଇଗଲେଣି। ସେମାନେ ପାଣି କମ୍ ହେଲେ ବି ବଢୁଛନ୍ତି, ନିଆଁ ଲାଗିଲେ ବି ମରୁନାହାନ୍ତି, ନିଜକୁ ଭଲଭାବରେ ସମ୍ଭାଳି ପାରୁଛନ୍ତି।

ଗୌରୀ: ପୃଥିବୀରେ ଗରମ ବଢ଼ିବାକୁ ତ ରୋକିବାକୁ ହେବ। ଆପଣମାନେ ଏ ବିଷୟରେ କିଛି ଚିନ୍ତା କରୁଛନ୍ତି?

ଅବିନାଶ: କାହିଁକି ନୁହେଁ ଗୌରୀ? ଏବେ ଏଭଳି ଉପାୟ ସବୁ ଚିନ୍ତା କରାଯାଉଛି ଯେଉଁଥିରେ ଅଙ୍ଗାରକାମ୍ଳ ଭଳି ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମ୍ ହେବ। ବିକାଶ କାର୍ଯ୍ୟ ଏବଂ ପରିବେଶ ଭିତରେ ଏକ ସନ୍ତୁଳନ ରଖିବା ବହୁତ ଜରୁରୀ।

ରମା: ବାପା, ଏବେ ଆମ ଦେଶରେ ଜଙ୍ଗଲର ସ୍ଥିତି କ'ଣ... ମାନେ ଭାରତରେ ବି କ'ଣ ଜଙ୍ଗଲ ଦ୍ରୁତ ଗତିରେ କମୁଛି?

ଅବିନାଶ: ଦେଖ ରମା। ଯଦି ଆମେ ପରିବେଶ ମନ୍ତ୍ରାଳୟର ରିପୋର୍ଟ ଅନୁସାରେ କହିବା ତେବେ ୨୦୧୫ ମସିହା ତୁଳନାରେ ୨୦୧୭ ମସିହାରେ ଜଙ୍ଗଲର କ୍ଷେତ୍ରଫଳ ବଢ଼ିଛି। ୨୦୧୫ ମସିହାରେ ଭାରତର ଜଙ୍ଗଲ ଅଞ୍ଚଳ ସାତ ଲକ୍ଷ ଚଉଦଶହ ପଞ୍ଚାନବେ (୭୦୧୪୯୫) ବର୍ଗ

କିଲୋମିଟର ଥିଲା। ଦୁଇବର୍ଷ ପରେ ଏଥିରେ ଛଅ ହଜାର ସାତ ଶହ ଅଠସ୍ତରୀ ବର୍ଗ କିଲୋମିଟର ବଢ଼ିଛି।

ଗଛ: ଏ ତ ଖୁସିର କଥା, କିନ୍ତୁ ଜଙ୍ଗଲ ଭିତର ପରିସ୍ଥିତି ଯେମିତି ବଦଳୁଛି ତାକୁ ବି ଅଣଦେଖା କରିହେବ ନାହିଁ। ସେଇ ରୋଡୋଡେଣ୍ଡ୍ରନ୍ ଗଛଟି ଦେଖାଯାଉଛି ନା?

ଅବିନାଶ: ହଁ ଗଛଜେଜେ। ଏହାର ସୁନ୍ଦର ଲାଲ ଫୁଲକୁ ପିଲାଦିନେ ଆମେ ଏକାଠି କରୁଥିଲୁ।

ଗଛ: କିନ୍ତୁ ଜଳବାୟୁ ପରିବର୍ତ୍ତନ ସହିତ ଏହାର ଫୁଲ ଫୁଟିବା ସମୟ ବି ବଦଳି ଗଲାଣି। ଶୀତଦିନ ଏତେ ଛୋଟ ଯେ ନୂଆ ପତ୍ର ଆସିବା, କଢ଼ ହେବା ଏବଂ ଫୁଲ ଫୁଟିବା... ଏ ସବୁକାମ ବହୁତ ଜଲ୍‌ଦି ଜଲ୍‌ଦି ହେଉଛି। ମହୁ ଖୋଜୁଥିବା ମହୁମାଛି ବି ଏଇ ପରିବର୍ତ୍ତନ ଯୋଗୁ ଘାବରେଇ ଗଲାଣି।

ବଘିରା: ସ୍ପଷ୍ଟ ଦେଖାଯାଉଛି ଯେ ବିଶ୍ୱ ଉଷ୍ମାୟନର ପ୍ରଭାବ ଗଛ ଉପରେ ତ ପଡ଼ିଛି, ତା ସାହାଯ୍ୟରେ ବଞ୍ଚୁଥିବା ଜୀବଙ୍କୁ ବି ତାଙ୍କ ଖାଦ୍ୟ ଅଭ୍ୟାସ ବଦଳାଇବାକୁ ହେବ।

ରମା: ଆପଣମାନେ ତ ସମସ୍ତ ଆମର ବନ୍ଧୁ। ଗଛଲତା ନିରନ୍ତର ବଢୁଛି, ଅଙ୍ଗାରକାମ୍ଳକୁ ଶୋଷୁଛି ଏବଂ ତା ବଦଳରେ ଆମକୁ ଅମ୍ଳଜାନ ଦେଉଛି। ଜଙ୍ଗଲ ତ ଆମ ପାଇଁ ପ୍ରକୃତିର ଏକ ସୁନ୍ଦର ଛଣାଯନ୍ତ୍ର। କିନ୍ତୁ ଜଳବାୟୁ ପରିବର୍ତ୍ତନ ସବୁକିଛି ବଦଳାଇବା ପାଇଁ ବଦ୍ଧ ପରିକର। (ଗମ୍ଭୀର

ସ୍ୱରରେ) ବହୁତ ଶୀଘ୍ର ଆମେ ନ ଜାଗିଲେ ପୂରା ସ୍ଥିତି ବିଗିଡ଼ି ଯିବ।

ଗଛ: ଗୌରୀ, ସେଥିପାଇଁ ମୁଁ ଜଳବାୟୁ ପରିବର୍ତ୍ତନକୁ ସବୁଠାରୁ ବଡ଼ ଶତ୍ରୁ କହୁଥିଲି। ଏମିତି ଶତ୍ରୁ ଯିଏ କେବଳ ଆମ ପାଇଁ ନୁହେଁ, ପୂରା ମଣିଷ ସମାଜ ପାଇଁ ବି ସମସ୍ୟା ସୃଷ୍ଟି କରୁଛି।

ବଘିରା: କିନ୍ତୁ ଏ ସମସ୍ୟା ତ ନିଜେ ମଣିଷ ସୃଷ୍ଟି କରିଛି। (ରାଗି ଯାଇ) ତାକୁ ତା'ର ଦଣ୍ଡ ନିଶ୍ଚୟ ମିଳିବା ଦରକାର।

ଗଛ: (ଉଚ୍ଚ ସ୍ୱରରେ) ତମେ ରାଗନି ବଘିରା। ରାଗନି।

ବଘିରା: (ଜୋରରେ ଗର୍ଜନ କରି) ନା ଗଛଜେଜେ। ଆମର ଏଇ ସୁନ୍ଦର ଜଙ୍ଗଲକୁ ଏଇ ମଣିଷ ହିଁ ଶୂନ୍ୟ କରିଛି। ସେ ତା'ର ଆରାମ ପାଇଁ ଆମ ସମସ୍ତଙ୍କ ଜୀବନ ବିପଦକୁ ଠେଲି ଦେଉଛି। ତାକୁ ଦଣ୍ଡ ମିଳିବା ଦରକାର।

ଗଛ: ରହ ବଘିରା ରହ। ଆଗକୁ ଯାଅନି।

ବଘିରା: ନାଇ ଜେଜେ, ମଣିଷ ମନଇଚ୍ଛା ବିକାଶ କରିବା ଯୋଗୁ ପୃଥିବୀ ଗରମ ହେଲା। ହିମପ୍ରବାହ ତରଳୁଛି। ନଈ ପୋଖରୀ ଶୁଖିଗଲା। ଏବଂ... ଏବେ ଆମକୁ ବି ବିନାଶ କରିବାକୁ ଲାଗିଛି। ମୁଁ ଏମାନଙ୍କୁ ଛାଡ଼ିବିନାହିଁ।

(ଜୋରରେ ଗର୍ଜନ ଶବ୍ଦ, ଜୋର ପବନ ବହିବାର ଶବ୍ଦ, ସମସ୍ତେ ଡରିଯାଇଛନ୍ତି)

ରମା: (ଡରିଯାଇ ଜୋରରେ ପାଟି କହୁଛି) ବଞ୍ଚାଅ... ବାପା... ବଞ୍ଚାଅ...

ଦୃଶ୍ୟ ପରିବର୍ତ୍ତନ ସକାଳ ସମୟ, ଚଢ଼େଇଙ୍କ ସ୍ୱର

ରମା: (ନିଦରେ ବିଳିବିଳେଇବା ପରି) ବଞ୍ଚାଅ... ବାପା... ମତେ ବଞ୍ଚାଅ... ବାଘ ମତେ ମାରିଦେଲା...

(ପାଦଶବ୍ଦ ନିକଟକୁ ଆସିବା)

ଅବିନାଶ: କ'ଣ ହେଲା ଝିଅ? କାଇଁ ବାଘ କୋଉଠି?

ରମା: (ନିଦୁଆ ସ୍ୱରରେ) ଆରେ... ମୁଁ କୋଉଠି.... ଏ କ'ଣ.... ବାଘ କୁଆଡ଼େ ଗଲା... ଓହୋ... ମୁଁ ତ ଘରେ ଅଛି। କେତେ ଡରି ଯାଇଥିଲି।

ଅବିନାଶ: ମନେହେଉଛି ତୁ କିଛି ଭୟଙ୍କର ସ୍ୱପ୍ନ ଦେଖିଲୁ। କୁଆଡ଼େ ଜଙ୍ଗଲକୁ ଯାଇଥିଲୁ, କ'ଣ ସ୍ୱପ୍ନରେ ଯାଇଥିଲୁ। (ହସି ହସି) ବୋଧେ ବାଘ ଭୟରେ ତୋ ନିଦ ଭାଙ୍ଗିଗଲା।

ରମା: ହଁ ବାପା, ବହୁତ ଭୟଙ୍କର ସ୍ୱପ୍ନ ଥିଲା। କିନ୍ତୁ କଥା ପୂରା ଠିକ ଥିଲା।

ଅବିନାଶ: ଆଚ୍ଛା!! ସ୍ୱପ୍ନରେ ତୁ ଏମିତି କ'ଣ ଦେଖିଲୁ?

ରମା: ବାପା, ମୁଁ ବଡ଼ ବଡ଼ ଗଛମାନଙ୍କର ଦୁଃଖ ଦେଖିଲି... ମୁଁ ଦେଖିଲି ଗରମ ହେଉଥିବା ପୃଥିବୀ କେମିତି କେତେ ସୁନ୍ଦର ଗଛଲତା, ଜୀବଜନ୍ତୁଙ୍କୁ ହତାଶ ଆଉ ବେସାହାରା କରିଦେଉଛି। କିନ୍ତୁ ଦୁନିଆର ଲୋକମାନେ ଠିକ ପଦକ୍ଷେପ ଯଦି ନ ନିଅନ୍ତି, ତେବେ ମୋ ସ୍ୱପ୍ନ ବାସ୍ତବ ହେବାକୁ ବେଶୀ ଡେରି ଲାଗିବନାହିଁ। ଦିନ ଆସିବ ସବୁକିଛି ଶେଷ ହୋଇଯିବ।

ଅବିନାଶ: (ହସି ହସି) ରମା, ଆଜି ତ ତୁ ପୂରା ବଡ଼ପିଲା ଭଳି କଥା

କହୁଛୁ। କିନ୍ତୁ ଉଠ, ଜଲ୍‌ଦି, କଲେଜ ବେଳ ହୋଇଯିବ।

ରମା: ହଁ ବାପା, ଏବେ ବଡ଼ ହେବାକୁ ହେବ। ସବୁକିଛି ବୁଝିବାକୁ ହେବ।
ନହେଲେ ଡେରି ହୋଇଯିବ...